# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 18 April - 2026

**********************************

## ମୁଖ୍ୟ ସମ୍ବାଦ

- ସଂସଦର ଉଭୟ ସଦନ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ମୁଲତବୀ
- ଓଡ଼ିଶାରେ ପ୍ରତିଷ୍ଠା ହେବ ରୂପାନ୍ତରଣ ପଦକ୍ଷେପ ପାଇଁ ରାଜ୍ୟ ପ୍ରତିଷ୍ଠାନ
- 'ପ୍ରାକୃତିକ ବିପର୍ଯ୍ୟୟ ଓ ସଂଘର୍ଷରେ ବିପଦଗ୍ରସ୍ତ ଐତିହ୍ୟ'ର ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି ବିଶ୍ୱ ଐତିହ୍ୟ ଦିବସ

ଏବଂ

- ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ହିଟ୍‌ୱେଭ୍ ଆଶ୍ରୟସ୍ଥଳୀ ନିର୍ମାଣ କରାଯିବ; କହିଲେ ରାଜସ୍ୱ ମନ୍ତ୍ରୀ

– ନବରଙ୍ଗପୁର, ବୌଦ୍ଧ ଓ ନୂଆପଡ଼ା ଜିଲ୍ଲାରେ ଶିକ୍ଷାନୁଷ୍ଠାନଗୁଡ଼ିକୁ ଛୁଟି ଘୋଷଣା କଲେ ଜିଲ୍ଲାପାଳ

Desk

# ବଜେଟ୍ ସେସନ୍-ସାଇନ୍‌ଡାଏ

ସଂସଦର ଉଭୟ ସଦନକୁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ମୁଲତବୀ ରଖାଯାଇଛି । ଏଥିସହ ବଜେଟ୍ ଅଧିବେଶନ ଶେଷ ହୋଇଛି । ଗତ ଜାନୁଆରୀ ମାସ ୨୮ ତାରିଖରେ ସଂସଦର ବଜେଟ୍ ଅଧିବେଶନ ଆରମ୍ଭ ହୋଇଥିଲା । ଲୋକସଭାରେ ବିଦାୟୀ ଅଭିଭାଷଣରେ ବାଚସ୍ପତି ଓମ୍ ବିର୍ଲା କହିଛନ୍ତି ବଜେଟ୍ ଅଧିବେଶନ କାଳରେ ଗୃହରେ ୯୩ ପ୍ରତିଶତ କାର୍ଯ୍ୟ ହୋଇଛି । ମୋଟ୍ ୩୧ଟି ବୈଠକ ଅନୁଷ୍ଠିତ ହେବା ସହିତ ୧୨ଟି ସରକାରୀ ବିଲ୍ ଆଗତ ହୋଇଥିଲା । ସେଥିମଧ୍ୟରୁ ୯ଟି ଆଲୋଚନା ହୋଇ ପାରିତ ହୋଇଛି ।

ରାଜ୍ୟସଭାରେ ବିଦାୟୀ ଅଭିଭାଷଣରେ ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ କହିଛନ୍ତି, ସାମଗ୍ରିକ ଭାବରେ ଗୃହରେ ମୋଟ୍ ୧୫୭ ଘଣ୍ଟାରୁ ଅଧିକ ସମୟ ଧରି କାର୍ଯ୍ୟ କରାଯାଇଛି । ଏ କ୍ଷେତ୍ରରେ ୧୧୦ ପ୍ରତିଶତ ସଫଳତା ହାସଲ ହୋଇଛି ।  ଏହି ଅଧିବେଶନ କାଳରେ ରାଜ୍ୟସଭାର ଉପାଧ୍ୟକ୍ଷ ଭାବେ ହରିବଂଶ ତୃତୀୟଥର ପାଇଁ ଦାୟିତ୍ୱ ଗ୍ରହଣ କରିଛନ୍ତି ।

BBSR/R

# ଯୋଜନା ବୋର୍ଡ ନାମ ପରିବର୍ତ୍ତନ

ରାଜ୍ୟରେ ରୂପାନ୍ତରଣ ପଦକ୍ଷେପ ପାଇଁ ଷ୍ଟେଟ୍ ଇନଷ୍ଟିଚ୍ୟୁଟ୍ ଫର୍ ଟ୍ରାନ୍ସଫରମେଟିଭ୍ ଇନିସିଏଟିଭ୍– ଏସ୍.ଆଇ.ଟି.ଆଇ.–ଓଡ଼ିଶା ପ୍ରତିଷ୍ଠାନ ପ୍ରତିଷ୍ଠା କରାଯିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାର ଅଧ୍ୟକ୍ଷ ଭାବେ ଦାୟିତ୍ୱ ତୁଲାଇବେ। ଚାରିଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ପୂର୍ଣ୍ଣକାଳୀନ ସଦସ୍ୟଭାବେ ଏଥିରେ ସାମିଲ କରାଯିବ। ସଦଦ୍ୟମାନଙ୍କୁ ରାଷ୍ଟ୍ର ମନ୍ତ୍ରୀ ପାହ୍ୟାରୁ ସମସ୍ତ ସୁବିଧା ସୁଯୋଗ ପ୍ରଦାନ କରାଯିବ। ୨୦୩୬ ମସିହା ସୁଦ୍ଧା ସମୃଦ୍ଧ ଓଡ଼ିଶା ଓ ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତର ଲକ୍ଷ୍ୟ ପୂରଣ ଦିଗରେ ଏସ୍.ଆଇ.ଟି.ଆଇ.– ଓଡ଼ିଶା କାର୍ଯ୍ୟ କରିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ରାଜ୍ୟ ଯୋଜନା ବୋର୍ଡକୁ ପରିବର୍ତ୍ତନ କରାଯାଇ ଏସ୍.ଆଇ.ଟି.ଆଇ-ଓଡ଼ିଶା ଭାବେ ନାମିତ କରାଯାଇଛି।

HS

## ପ୍ରଧାନମନ୍ତ୍ରୀ–ସାଂସଦ ସାକ୍ଷାତ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ନୂଆଦିଲ୍ଲୀସ୍ଥିତ ସଂସଦ ଭବନ କାର୍ଯ୍ୟାଳୟରେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ସୌଜନ୍ୟମୂଳକ ସାକ୍ଷାତ ଆଲୋଚନା କରିଛନ୍ତି। ଏହି ସମୟରେ ଓଡ଼ିଶା ସହିତ ସମ୍ବନ୍ଧିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା ହୋଇଛି। ରାଜ୍ୟର ପ୍ରଗତିକୁ ତ୍ୱରାନ୍ୱିତ କରିବା ସହିତ ଜନସାଧାରଣଙ୍କ ନିଷ୍ଠାପୂର୍ଣ୍ଣ ପ୍ରୟାସକୁ ଆଗେଇ ନେବାରେ ପ୍ରଧାନମନ୍ତ୍ରୀଙ୍କ ବହୁମୂଲ୍ୟ ଉପଦେଶ ଓ ପ୍ରେରଣା ଲାଭ କରିଥିବା ସାଂସଦ ଶ୍ରୀ ଷଡ଼ଙ୍ଗୀ କହିଛନ୍ତି। ଶ୍ରୀ ମୋଦୀଙ୍କ ଦୃଢ଼ ନେତୃତ୍ୱ

ଦୃଷ୍ଟିଭଙ୍ଗୀ ଏବଂ ଦେଶ ସେବା ପ୍ରତି ଅତୁଟ ପ୍ରତିବଦ୍ଧତା ଆମ ସମସ୍ତଙ୍କ ପାଇଁ ଏକ ପ୍ରେରଣା। ଓଡ଼ିଶାର ସମୃଦ୍ଧି ଓ ଲୋକମାନଙ୍କ ଉନ୍ନତି ପାଇଁ ଆମେ ସମସ୍ତେ ଏକତ୍ରୀତ ହୋଇ କାର୍ଯ୍ୟ କରିବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ଶ୍ରୀ ଷଡ଼ଙ୍ଗୀ' ପ୍ରଧାନମନ୍ତ୍ରୀଙ୍କୁ କହିଛନ୍ତି।

Desk

## ନିଯୁକ୍ତିପତ୍ର ବଣ୍ଟନ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତା ୨୩ ତାରିଖ ଦିନ ବିଭିନ୍ନ ବିଭାଗରେ ୫୫୧ ଜଣଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରିବେ। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଇସ୍ପାତ ଖଣି ବିଭାଗ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଏବଂ ଏମ୍.ଏସ୍.ଏମ୍.ଇ. ବିଭାଗରେ ବିଭିନ୍ନ ପଦବୀ ପାଇଁ ନିଯୁକ୍ତି ଦିଆଯିବ।

Puri

## ରତ୍ନଭଣ୍ଡାର ଗଣତି ମଣତି କାର୍ଯ୍ୟ

ପୁରୀ ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାର ଗଣତି ମଣତି କାର୍ଯ୍ୟ ଆଜି ଚତୁର୍ଥ ଦିନରେ ଜାରି ରହିଛି। ସମ୍ପୂର୍ଣ୍ଣ ସ୍ୱଚ୍ଛତାର ସହ ସରକାରଙ୍କ ଅନୁମୋଦିତ ମାର୍ଗଦର୍ଶିକା ଅନୁଯାୟୀ, ସକାଳ ଧୂପ ନୀତି ପରେ ଏହି ପ୍ରକ୍ରିୟା ଆରମ୍ଭ ହୋଇଥିଲା। ୧୯୭୮ ମସିହା ତାଲିକା ସହିତ ଗଣତି ମେଳକ

କରାଯାଉଛି। ସମସ୍ତ ଅଳଙ୍କାରଗୁଡ଼ିକର ଭିଡିଓ ଓ ଫଟୋଗ୍ରାଫି ଏବଂ ଥ୍ରୀ–ଡି ମ୍ୟାପିଂ କରାଯାଉଥିବା ଜଣାପଡ଼ିଛି। ମହାପ୍ରଭୁଙ୍କ ଏହି କାର୍ଯ୍ୟରେ ରତ୍ନଭଣ୍ଡାର ଉଚ୍ଚସ୍ତରୀୟ କମିଟି ଅଧ୍ୟକ୍ଷ ଜଷ୍ଟିସ ବିଶ୍ୱନାଥ ରଥ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ି ପ୍ରମୁଖ ସାମିଲ ଅଛନ୍ତି। ଭିତର ରତ୍ନଭଣ୍ଡାରର ଗଣତି ମଣତି କାର୍ଯ୍ୟ ବିଶେଷ ସ୍ୱର୍ଣ୍ଣକାତର ହୋଇଥିବାରୁ ଆବଶ୍ୟକତା ଅନୁସାରେ ଅଧିକ ସଂଖ୍ୟକ ସଦସ୍ୟ କାର୍ଯ୍ୟରେ ନିୟୋଜିତ ରହିଛନ୍ତି ବୋଲି ଜଷ୍ଟିସ ରଥ କହିଛନ୍ତି।

**- V/O –**

Desk

# ବିଶ୍ୱ ଐତିହ୍ୟ ଦିବସ

ଆଜି ବିଶ୍ୱ ଐତିହ୍ୟ ଦିବସ । ଆନ୍ତର୍ଜାତୀୟ ସ୍ଥାପତ୍ୟ ପରିଷଦର ପ୍ରସ୍ତାବ ଅନୁସାରେ ଆଜିର ଦିନକୁ ବିଶ୍ୱ ଐତିହ୍ୟ ଦିବସ ଭାବେ ପାଳନ କରିବା ଲାଗି ମିଳିତ ଜାତିସଂଘର ୟୁନେସ୍କୋ ସଂସ୍ଥା ପକ୍ଷରୁ ୧୯୮୨ ମସିହାଠାରୁ ନିଷ୍ପତ୍ତି ନେଇଥିଲା । ସାଂସ୍କୃତିକ ଐତିହ୍ୟର ବିବିଧତା ଉପରେ ଲୋକଙ୍କୁ ସଚେତନ କରାଇବା ପାଇଁ ଏହି ଦିବସ ପାଳନ କରାଯାଉଛି । ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ରହିଛି **‘ପ୍ରାକୃତିକ ବିପର୍ଯ୍ୟୟ ଓ ସଂଘର୍ଷରେ ବିପଦଗ୍ରସ୍ତ ଐତିହ୍ୟ’** ।

ବର୍ତ୍ତମାନ ସୁଦ୍ଧା ବିଶ୍ୱ ଐତିହ୍ୟ ତାଲିକାରେ ଭାରତର ୪୩ଟି ସ୍ଥାନ ଥିବାବେଳେ ୟୁନେସ୍କୋର ଅସ୍ଥାୟୀ ତାଲିକାରେ ୬୨ଟି ସ୍ଥାନ ରହିଛି। ୧୯୮୩ ମସିହାରେ ଆଗ୍ରା ଦୁର୍ଗ, ତାଜମହଲ, ଅଜନ୍ତା ଏବଂ ଏଲୋରା ଗୁମ୍ଫା ବିଶ୍ୱ ଐତିହ୍ୟ ତାଲିକାରେ ସାମିଲ ହେବା ପରେ କ୍ରମାଗତ ଭାବେ ଅନ୍ୟ ସ୍ଥାନଗୁଡ଼ିକୁ ଏଥିରେ ସାମିଲ କରାଯାଉଛି।

ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ଓଡ଼ିଶାର ସାଂସ୍କୃତିକ ଐତିହ୍ୟ ସୁରକ୍ଷା ଉପରେ ଗୁରୁତ୍ୱ ଦେଇ କହିଛନ୍ତି, ଆଜିର ଦିନ ରାଜ୍ୟର ମହାନ ପରମ୍ପରା ଓ ଭବ୍ୟ ମନ୍ଦିର ସହିତ ଏହାର ସମୃଦ୍ଧ ସାଂସ୍କୃତିକ ଉତ୍ସବ ପାଳନର ଏକ ପ୍ରତୀକ।  ଆଗାମୀ ପିଢ଼ିକୁ ଏହି ଅମୂଲ୍ୟ ସମ୍ପତ୍ତିର ସୁରକ୍ଷା କରିବା ପାଇଁ ରାଜ୍ୟପାଳ ଆହ୍ୱାନ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଶ୍ୱ ଐତିହ୍ୟ ଦିବସରେ ଶୁଭେଚ୍ଛା ଜଣାଇ କହିଛନ୍ତି, ଓଡ଼ିଶା ନିଜର ମନ୍ଦିର, ପ୍ରାଚୀନ ପରମ୍ପରା, ଜୀବନ ସାଂସ୍କୃତିକ ଐତିହ୍ୟ ସହିତ ଅବିଚ୍ଛିନ୍ନ ପରିଚୟର ଗର୍ବିତ ପ୍ରମାଣଭାବେ ଦଣ୍ଡାୟମାନ ରହିଛି। ସମସ୍ତଙ୍କୁ ମିଳିତ ଭାବେ ଐତିହ୍ୟର ସଂରକ୍ଷଣ ଦିଗରେ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ କହିଛନ୍ତି, ଓଡ଼ିଶାର କଳା, ସ୍ଥାପତ୍ୟ ଓ ଭାସ୍କର୍ଯ୍ୟ ବିଶ୍ୱ ଦରବାରରେ ଆମ ମାଟିକୁ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛି। କୋଣାର୍କ ଚକଠାରୁ ଆରମ୍ଭ କରି ଶ୍ରୀଜଗନ୍ନାଥ ମନ୍ଦିରର ନୀଳଚକ୍ର

ପର୍ଯ୍ୟନ୍ତ ପ୍ରତ୍ୟେକ ଶୀଳା ଆମ ପୂର୍ବପୁରୁଷଙ୍କ ବୀରତ୍ୱ ଓ କଳାନୈପୁଣ୍ୟତାର ମୁକସାକ୍ଷୀ।

Desk

## ହିଟ୍‌ୱେଭ୍ ଆଶ୍ରୟସ୍ଥଳୀ

ରାଜ୍ୟରେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ହିଟ୍‌ୱେଭ୍ ଆଶ୍ରୟସ୍ଥଳୀ ନିର୍ମାଣ କରାଯିବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ଅଧିକ ଗରମ ଅନୁଭୂତ ହେଉଥିବା ସ୍ଥାନରେ ଏହି ଆଶ୍ରୟସ୍ଥଳୀ ନିର୍ମାଣ କରାଯିବ। ଦିନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଯାତ୍ରୀ ଓ ମାଲପରିବହନ ଉପରେ ତଦାରଖ କରାଯିବ। ଅଂଶୁଘାତଜନିତ ମୃତ୍ୟୁ ପାଇଁ ରିପୋର୍ଟ ମିଳିବାର ୨୪ ଘଣ୍ଟାପରେ ସରକାର କ୍ଷତିପୂରଣ ପ୍ରଦାନ କରିବେ ବୋଲି ଶ୍ରୀ ପୂଜାରୀ କହିଛନ୍ତି।

Nuapada/Boudh/Nabarangpur

## ଗ୍ରୀଷ୍ମ ଛୁଟି

ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ନବରଙ୍ଗପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଆସନ୍ତା ସୋମବାରଠାରୁ ସମସ୍ତ ଅଙ୍ଗନବାଡ଼ି, ଶିକ୍ଷାନୁଷ୍ଠାନ, ଯାନ୍ତ୍ରିକ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟଗୁଡ଼ିକୁ ଜିଲ୍ଲାପାଳ ଛୁଟି ଘୋଷଣା କରିଛନ୍ତି। ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଅନୁଷ୍ଠାନଗୁଡ଼ିକୁ ବନ୍ଦ ରଖିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଜିଲ୍ଲାରେ ଗତ ୩ ଦିନ ହେଲା ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଇବାରେ ଲାଗିଛି। ଦିନର ତାପମାତ୍ରା ୩୯ରୁ ୪୦ ଡିଗ୍ରୀ ସେଲସିୟସ

ପର୍ଯ୍ୟନ୍ତ ରେକର୍ଡ କରାଯାଉଛି। ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି।

ବୌଦ୍ଧ ଜିଲ୍ଲାରେ ମଧ ଆଜିଠାରୁ ବୁଧବାର ପର୍ଯ୍ୟନ୍ତ ସମସ୍ତ ଶିକ୍ଷାନୁଷ୍ଠାନଗୁଡ଼ିକୁ ପ୍ରଶାସନ ପକ୍ଷରୁ ଛୁଟି ଘୋଷଣା କରାଯାଇଛି। ଛାତ୍ରଛାତ୍ରୀଙ୍କ ପରୀକ୍ଷା ସକାଳ ସମୟରେ ଅନୁଷ୍ଠିତ ହୋଇପାରିବ ବୋଲି ଚିଠିରେ ଉଲ୍ଲେଖ ରହିଛି। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ନିର୍ଦ୍ଦେଶ ପରେ ଗ୍ରୀଷ୍ମଛୁଟି ନିଷ୍ପତ୍ତି ନେବାକୁ ଜିଲ୍ଲାପାଳମାନଙ୍କୁ ଦାୟିତ୍ୱ ଦିଆଯାଇଛି।

ନୂଆପଡ଼ା ଜିଲ୍ଲାରେ ଆସନ୍ତା ୨୦ ତାରିଖରୁ ୨୨ ତାରିଖ ପର୍ଯ୍ୟନ୍ତ ବିଦ୍ୟାଳୟଗୁଡ଼ିକୁ ବନ୍ଦ ରଖିବାକୁ ଘୋଷଣା କରାଯାଇଛି। ପଞ୍ଚମ ଓ ଅଷ୍ଟମ ଶ୍ରେଣୀର ସପ୍ଲିମେଣ୍ଟାରୀ ପରୀକ୍ଷା ସକାଳ ୭ଟାରୁ ୯ଟା ପର୍ଯ୍ୟନ୍ତ ହେବ।

Nuapada

## ଜଳଛତ୍ର

ନୂଆପଡ଼ା ଜିଲ୍ଲା ସଦର ମହକୁମାସ୍ଥିତ ଜନଗହଳି ସ୍ଥାନରେ ଆଜି ପୁଲିସ ପକ୍ଷରୁ ଜଳଛତ୍ରର ଶୁଭାରମ୍ଭ କରାଯାଇଛି। ଆରକ୍ଷୀ ଅଧୀକ୍ଷକ ଅମୃତପାଲ ସିଂହ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ଜଳଛତ୍ର ଆରମ୍ଭ କରି ଜନସାଧାରଣଙ୍କୁ ଗ୍ରୀଷ୍ମକାଳୀନ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଛନ୍ତି।

HS

## ବାର୍ ଆସୋସିଏନ୍ ନିର୍ବାଚନ

ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ବାକିଥିବା ତିନୋଟି ବାର୍ ଆସୋସିଏସନ୍‌ର ନିର୍ବାଚନ ଆସନ୍ତା ମାସ ୨୩ ତାରିଖରେ ଅନୁଷ୍ଠିତ ହେବ ବୋଲି ପରିଷଦର ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ କହିଛନ୍ତି। ନବରଙ୍ଗପୁର ବାର୍‌ଆସୋସିଏସନ୍, ଜଟଣୀ ଓକିଲ ସଂଘ ଏବଂ ସୁନ୍ଦରଗଡ଼ ଜିଲ୍ଲାର ବାର୍ ଆସୋସିଏସନ୍ ନିର୍ବାଚନ ମଧ୍ୟ ଏହି ସମୟରେ ଅନୁଷ୍ଠିତ ହେବ।

Malkangiri

## ସ୍ୱାସ୍ଥ୍ୟସେବା– ସମୀକ୍ଷା ବୈଠକ

ମାଲକାନଗିରି ମୁଖ୍ୟ ଚିକିତ୍ସାଳୟ ପରିସରରେ ଜିଲ୍ଲାର ପ୍ରତିଟି ନାଗରିକଙ୍କ ପାଖରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପହଁଞ୍ଚାଇବା ଏବଂ ଚିକିତ୍ସା ଭିତ୍ତିଭୂମିକୁ ସୁଦୃଢ଼ କରିବା ଲକ୍ଷ୍ୟରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜ ସିର୍କେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲାର ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଅଧିକ ଲୋକାଭିମୁଖୀ କରିବା ପାଇଁ ବିସ୍ତୃତ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରାଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ତୃଣମୂଳସ୍ତରରେ ଥିବା ଉପକେନ୍ଦ୍ରଗୁଡ଼ିକରେ କାର୍ଯ୍ୟକାରିତା ସମ୍ପର୍କରେ ଜିଲ୍ଲାପାଳ ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଛନ୍ତି। ଏଥିସହିତ ଜିଲ୍ଲାରେ ଚାଲିଥିବା ବିଭିନ୍ନ ଟୀକାକରଣ ଅଭିଯାନର ଅଗ୍ରଗତି ଏବଂ ଚିକିତ୍ସାଳୟଗୁଡ଼ିକର ଭିତ୍ତିଭୂମି

ବିକାଶ ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଜନସାଧାରଣଙ୍କୁ ଉତ୍ତମ ବ୍ୟବହାର ଓ ତ୍ୱରିତ ସେବା ଯୋଗାଇ ଦେବାକୁ ସମସ୍ତ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ଜିଲ୍ଲାପାଳ କହିଛନ୍ତି।

Nuapada

## ସ୍ୱାଗତ ସମ୍ବର୍ଦ୍ଧନା

ନୂଆପଡ଼ା ଜିଲ୍ଲା ଦୌରାଜଜ୍ ସମର ବିକାଶ ବେହେରାଙ୍କୁ ଖଡ଼ିଆଳ କୋର୍ଟ ପରିସରରେ ଥିବା ବାର୍ ହଲ୍‌ଠାରେ ଆଜି ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ନ୍ୟାୟିକ ବ୍ୟବସ୍ଥାରେ ଓକିଲ ଏବଂ ମାଜିଷ୍ଟ୍ରେଟ୍‌ଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ ହୋଇପାରିଲେ ସାଧାରଣ ଜନତା ଉପଯୁକ୍ତ ନ୍ୟାୟ ପାଇପାରିବେ ବୋଲି ଜିଲ୍ଲା ଦୌରାଜଜ୍ ଆଇନଜୀବୀମାନଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ।

Malkangiri

## ଏକଲବ୍ୟ ଆଦର୍ଶ ବିଦ୍ୟାଳୟ

ମାଲକାନଗିରି ଜିଲ୍ଲାରେ ଆଦିବାସୀ ଛାତ୍ରଛାତ୍ରୀଙ୍କ ଶିକ୍ଷାର ମାନବୃଦ୍ଧି ଏବଂ ଭିତ୍ତିଭୂମିର କାୟାକଳ୍ପ ପାଇଁ ଗୁରୁତ୍ୱ ଦିଆଯାଉଛି ବୋଲି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜସିର୍କେ କହିଛନ୍ତି। ଜିଲ୍ଲାରେ ଥିବା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପରିଦର୍ଶନ କରି ଆଜି ଜିଲ୍ଲାପାଳ ସେଠାକାର ଶିକ୍ଷାଦାନ ପଦ୍ଧତି ଓ ବିଦ୍ୟାଳୟର ସାମଗ୍ରୀକ ସ୍ଥିତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ବିଦ୍ୟାଳୟର ସର୍ବାଙ୍ଗୀନ ବିକାଶ ଏବଂ ରୂପାନ୍ତରଣ ପାଇଁ ଏକ

ସ୍ୱତନ୍ତ୍ର କାର୍ଯ୍ୟଖସଡ଼ା ପ୍ରସ୍ତୁତ କରିବାକୁ ସେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଛାତ୍ରଛାତ୍ରୀମାନେ ପାରମ୍ପରିକ ପଦ୍ଧତିରୁ ଊର୍ଦ୍ଧ୍ୱକୁ ଯାଇ ଆଧୁନିକ ତଥା ବୈଷୟିକ ଜ୍ଞାନକୌଶଳ ମାଧ୍ୟମରେ ଶିକ୍ଷା ଗ୍ରହଣ କରିପାରିବେ ସେଥିପାଇଁ ବିହିତ ପଦକ୍ଷେପ ନେବାକୁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ଗୁରୁତ୍ୱ ଦେବାକୁ କହିଛନ୍ତି।

BHK

## ସଶକ୍ତ ନାରୀ, ସଶକ୍ତ ଭାରତ

ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ, ଫିଟ୍ ଇଣ୍ଡିଆ ଏବଂ ଭଦ୍ରକ ଜିଲ୍ଲା ପ୍ରଶାସନ ପକ୍ଷରୁ ଧାମନଗର ବ୍ଲକ ଅସୁରାଳୀଠାରେ 'ସଶକ୍ତ ନାରୀ, ସଶକ୍ତ ଭାରତ' ଅନ୍ତର୍ଗତ ଏକ ମହିଳା ସମାବେଶ ଏବଂ ମାରାଥନ ଦୌଡ଼ ଅନୁଷ୍ଠିତ ହୋଇଯାଇଛି। ମହିଳାମାନେ ସୁସ୍ଥ ରହିବା ସହିତ ସବୁ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହେବାକୁ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ରହିଥିବାରୁ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ପ୍ରଧାନମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ମାରାଥନ ଦୌଡ଼ରେ ରାଜ୍ୟ ମହିଳା ଶିଶୁ ସୁରକ୍ଷା ସଦସ୍ୟ ମନସ୍ମିତା ଖୁଣ୍ଟିଆଙ୍କ ସମେତ ବହୁ ବିଭାଗୀୟ ଅଧିକାରୀ ଏବଂ ଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ।